**ସଂକ୍ଷେପରେ**

## ବ୍ରାଉନସୁଗାର ଜବତ: ମହିଳା ଗିରଫ

**ଭଦ୍ରକ ଅଫିସ,୨୦।୨-** ଭଦ୍ରକ ବଉଳପୋଖରୀ ଅଞ୍ଚଳରେ ବ୍ରାଉନସୁଗାର ବେପାର କରୁଥିବା ଜଣେ ମହିଳାଙ୍କୁ କେନ୍ଦ୍ରାଞ୍ଚଳ ଗୁଇନ୍ଦା ଅବକାରୀ ବିଭାଗ ଗୁରୁବାର ରାତିରେ ଗିରଫ କରିଛି। ଗିରଫ ମହିଳାଙ୍କ ନାଁ କଲ୍ୟାଣୀ ମଲ୍ଲିକ। ତାଙ୍କ ପାଖରୁ ୨୪ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି। ଏହାର ମୂଲ୍ୟ ଅଢ଼େଇ ଲକ୍ଷ ଟଙ୍କା ହେବ ବୋଲି ସୂଚନା ମିଳିଛି। କଲ୍ୟାଣୀ ଦୀର୍ଘଦିନ ଧରି ଏହି ଅଞ୍ଚଳରେ ବ୍ରାଉନସୁଗାର ବେପାର କରିଆସୁଥିଲେ। କୌଣସି ସୂତ୍ରରୁ ଖବର ପାଇ କେନ୍ଦ୍ରାଞ୍ଚଳ ଗୁଇନ୍ଦା ଅବକାରୀ ବିଭାଗ ଚଢ଼ାଉ କରିଥିଲା। କଲ୍ୟାଣୀଙ୍କ ସ୍ୱାମୀ ମଧ ବ୍ରାଉନସୁଗାର ବେପାର କରୁଥିଲେ। ୪ ବର୍ଷ ତଳେ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା ବୋଲି ଅବକାରୀ ନିରୀକ୍ଷକ ଜଗଦୀଶ ଚନ୍ଦ୍ର ସାମଲ କହିଛନ୍ତି।

## ସୂଚନା ଅଧିକାର କର୍ମୀଙ୍କୁ ହତ୍ୟା, ଆକ୍ରମଣର ପ୍ରତିବାଦ

**ଭଦ୍ରକ ଅଫିସ,୨୦।୨-** କେନ୍ଦ୍ରାପଡ଼ାର ସୂଚନା ଅଧିକାର କର୍ମୀଙ୍କୁ ହତ୍ୟା ଧମକ ଦିଆଯାଇଥିବାରୁ ଓଡ଼ିଶା ସୂଚନା ଅଧିକାର ଅଭିଯାନର ଭଦ୍ରକ ଜିଲା ଶାଖା ପକ୍ଷରୁ ପ୍ରତିବାଦ କରାଯାଇଛି। କେନ୍ଦ୍ରାପଡ଼ାର ସୂଚନା କର୍ମୀ ରଞ୍ଜନ ଦାସଙ୍କୁ ହତ୍ୟା ଏବଂ ଶ୍ରୀକାନ୍ତ ପାକଲ ଓ ରାଜକିଶୋର ଜେନାଙ୍କୁ ହତ୍ୟା ଧମକ ପ୍ରତିବାଦରେ ଓଡ଼ିଶା ସୂଚନା ଅଧିକାର ଅଭିଯାନର ଭଦ୍ରକ ଜିଲା ଆବାହକ ବିଶ୍ୱକେଶରୀ ମହାନ୍ତି, ସଭାପତି ପ୍ରକାଶ କୁମାର ଜେନାଙ୍କ ନେତୃତ୍ୱରେ ୭ଟି ବ୍ଲକର ସହସ୍ରାଧିକ ସୂଚନାକର୍ମୀ ଏକାଠି ହୋଇ ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ରଙ୍କୁ ଭେଟିଛନ୍ତି। ଏ ନେଇ ସେମାନେ ଅତିରିକ୍ତ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନା କର୍ମୀଙ୍କୁ ଆକ୍ରମଣ ବନ୍ଦ କରିବା ସହିତ ସୂଚନା ତଥ୍ୟ ନିର୍ଦ୍ଦିଷ୍ଟ ଦିନ ମଧ୍ୟରେ ପ୍ରଦାନ ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ୭ ବ୍ଲକର ସଭାପତି ଓ ଆବାହକ ଏଥିରେ ସାମିଲ ହୋଇଥିଲେ। ବିପ୍ଳବ ହୋତା, ପୀତାମ୍ବର ଧଳ, ସୁଶାନ୍ତ ଜେନା, ରବୀନ୍ଦ୍ର ଦାସ, ଚନ୍ଦ୍ରଶେଖର ରାଉତ, ପର୍ଶୁରାମ ଓଝା, ଅମୂଲ୍ୟ କୁମାର ମାଝି, ପ୍ରଫୁଲ୍ଲ କୁମାର ପାଢ଼ୀ, ସନ୍ତୋଷ କୁମାର ପରିଡ଼ା, ବ୍ରଜ ଦାସ, ହୃଦାନନ୍ଦ ପାଢ଼ୀ, ଗଣେଶ ପ୍ରସାଦ ମଲିକ, ତପନ ପଣ୍ଡା, ନିର୍ମଳ ଚନ୍ଦ୍ର ସେନାପତି, ସୁଜିତ କୁମାର ରାଏ ପ୍ରମୁଖ ସୂଚନା କର୍ମୀ ଉପସ୍ଥିତ ଥିଲେ।

## ଚୋରାମଦ ଜବତ: ୨ ଗିରଫ

**ଧାମନଗର,୨୦।୨(ଡି.ଏନ.ଏ.)-** ଧାମନଗର ପୋଲିସ ଥାନା ଅଧୀନ ଦୁଇଟି ସ୍ଥାନରେ ଚଢ଼ାଉ କରି ଚୋରାମଦ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି। ଧାମନଗର ବ୍ଲକ କାର୍ଯ୍ୟାଳୟ ନିକଟରେ ଏକ ଦୋକାନରେ ପୋଲିସ ଚଢ଼ାଉ କରି ୨୩୫ ବୋତଲ ଦେଶୀ ମଦ ଜବତ କରିବା ସହ ବ୍ୟବସାୟୀ ତାଳପଦା ଗ୍ରାମର ବାବାଜୀ ଜେନାଙ୍କୁ ଗିରଫ କରିଥିଲା। ବାବାଜୀ ଦୀର୍ଘଦିନ ଧରି ଦୋକାନରେ ଚୋରାମଦ କାରବାର କରିଆସୁଥିବା ଅଭିଯୋଗ ହୋଇଆସୁଥିଲା। ସେହିପରି ବୁଧବାର ରାତିରେ ଦିହୁଡି ଆନନ୍ଦପୁର ଛକରେ ଯମୁନା ଜେନାଙ୍କ ଘରେ ପୋଲିସ ଚଢ଼ାଉ କରି ୨୬ ବୋତଲ ଦେଶୀମଦ ଜବତ ସହ ତାଙ୍କୁ ଗିରଫ କରିଥିଲା। ଏ ନେଇ ଥାନାରେ ଦୁଇଟି ମାମଲା (ନଂ.୩୭/୨୦ ଓ ୩୯/୨୦) ରୁଜୁ କରାଯାଇ ଦୁଇଜଣଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ଥାନାଧିକାରୀ ରତିକାନ୍ତ ଗିରିଙ୍କ ନେତୃତ୍ୱରେ ଏସ୍‌ଆଇ ମୋତିଲାଲ ମାରାଣ୍ଡି ଚଢ଼ାଉରେ ସାମିଲ ଥିଲେ।

## ପୂର୍ବତନ କଂଗ୍ରେସ ସଭାପତି ସୁରେଶଙ୍କ ସ୍ମୃତିଚାରଣ

**ବନ୍ତ,୨୦।୨(ଡି.ଏନ.ଏ.)-** ବନ୍ତ ବ୍ଲକର ପୂର୍ବତନ କଂଗ୍ରେସ ସଭାପତି, ଆଇନଜୀବୀ ସ୍ୱର୍ଗତ ସୁରେଶ ଚନ୍ଦ୍ର ରାଉତଙ୍କ ୩ୟ ବାର୍ଷିକ ଶ୍ରାଦ୍ଧୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ମଙ୍ଗୁଲିଠାରେ ଆୟୋଜିତ ସ୍ମୃତିସଭାରେ ସାମାଜିକ କର୍ମୀ ପ୍ରଫୁଲ୍ଲ ଚନ୍ଦ୍ର ରାଉତ ସଭାପତିତ୍ୱ କରିଥିଲେ। ଭଣ୍ଡାରିପୋଖରୀ କଂଗ୍ରେସ ନେତା ତଥା ପିପିସି ସଭ୍ୟ ସୁବ୍ରତ ଦାସ, ପ୍ରାକ୍ତନ ବିଧାୟକ ପଞ୍ଚାନନ ମଣ୍ଡଳ, ଭାଜପା ନେତା ପଞ୍ଚାନନ ରାଉତ, ପ୍ରାକ୍ତନ ବ୍ଲକ ଅଧକ୍ଷ ହରମୋହନ ବେହେରା, ଜିଲାପରିଷଦ ଜୋନ୍ କଂଗ୍ରେସ ସଭାପତି ଅନନ୍ତ ଚରଣ ଦାଶ, ନିରଞ୍ଜନ ମଲ୍ଲିକ, ଶିକ୍ଷାବିତ୍ ରମାକାନ୍ତ ରାଉତ, ପ୍ରଦ୍ୟୁମ୍ନ ଦାସ, ସୁରେନ୍ଦ୍ର ଜେନା, ସ୍ମୃତିରଞ୍ଜନ ସ୍ୱାଇଁ, ଅଶୋକ ସାହୁ, ରାଜକିଶୋର ପଣ୍ଡା, ଜ୍ୟୋତିରଞ୍ଜନ ନାୟକ, ମାର୍କଣ୍ଡ ବେହେରା ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଆଜିର ଦିନରେ କଂଗ୍ରେସ ଜଣେ ବିଚକ୍ଷଣ ନେତାଙ୍କୁ ହରାଇଛି ବୋଲି ବକ୍ତାମାନେ କହିଥିଲେ।

# ଚଳଚଞ୍ଚଳ ଆଖଣ୍ଡଳମଣି ପୀଠ

**ଆରଡ଼ି,୨୦।୨ (ଡି.ଏନ.ଏ.)**


ଆରଡ଼ିସ୍ଥିତ ଆଖଣ୍ଡଳମଣି ପୀଠର ଦୃଶ୍ୟ।

**ଆଜି ମହାଶିବରାତ୍ରି**

ମହାଶିବରାତ୍ରି ପାଇଁ ଭଦ୍ରକ ଜିଲାର ପ୍ରସିଦ୍ଧ ଶୈବପୀଠ ଆରଡ଼ିର ବାବା ଆଖଣ୍ଡଳମଣିଙ୍କ ପୀଠ ଚଳଚଞ୍ଚଳ ହୋଇଉଠିଛି। ଜିଲା, ପୋଲିସ ଓ ମନ୍ଦିର ପ୍ରଶାସନ ତତ୍ପର ହୋଇପଡ଼ିଛନ୍ତି। ଶୁକ୍ରବାର ଭୋର ୪ଟାରେ ମନ୍ଦିର ପହଡ଼ ଖୋଲାଯାଇ ମଙ୍ଗଳ ଆଳତି କରାଯିବ। କନିକା ରାଜାଙ୍କ ପକ୍ଷରୁ ପହିଲି ଘର୍ଷଣ କରାଯିବା ପରେ ୫ଟା ୧୫ରେ ପାଳିଆଙ୍କ ଦ୍ୱାରା ପହିଲି ଖେଚୁଡ଼ି ଭୋଗ, ୫ଟା ୪୫ରୁ ରାତି ୧୧ଟା ୩୦ ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ଦିଅଁ ଦର୍ଶନ ଓ ଘର୍ଷଣ ଭୋଗ କରାଯିବ। ରାତି ୧ଟା ୩୦ରୁ ୩ଟା ୧୫ ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ସୁନାବେଶ ଦର୍ଶନ ଓ ୪ଟା ୩୦ରୁ ୫ ଟା ମଧ୍ୟରେ ମନ୍ଦିର ଚୂଡ଼ାକୁ ମହାଦୀପ ଉଠିବ ବୋଲି ମନ୍ଦିର ପ୍ରଶାସନ ଓ ସେବାୟତଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

ପୀଠରେ ମହାଦୀପ ଦର୍ଶନ ଲାଗି ଦୂରଦୂରାନ୍ତରୁ ଭକ୍ତଙ୍କ ଆଗମନ ବି ଧୀରେ ଧୀରେ ହେଲାଣି। ସ୍ଥାୟୀ ବ୍ୟବସାୟୀମାନେ ନିଜର ଦୋକାନ ସଜାଇବାରେ ଲାଗିଛନ୍ତି। ଉଠାଦୋକାନୀ ମଧ ନିଜର ଦୋକାନ ମେଲି ଦେଲେଣି। ପାରମ୍ପରିକ ପ୍ରଥା ଅନୁସାରେ ଶିବରାତ୍ରି ପୂର୍ବଦିନ ମନ୍ଦିର ପ୍ରଶାସନ ପକ୍ଷରୁ ପୀଠରେ ଅବସ୍ଥାନ କରୁଥିବା ୨୭୦ ସେବାୟତ ପରିବାରଙ୍କୁ ମିଠା ପ୍ୟାକେଟ ବଣ୍ଟନ କରାଯାଇଛି। ଏହାଦ୍ୱାରା ସେବାୟତ ଓ ମନ୍ଦିର ପ୍ରଶାସନ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ସୁଦୃଢ଼ ହୁଏ ବୋଲି ମନ୍ଦିର ପରିଚାଳକ ବିଦ୍ୟାଧର ପଲାଇ ସୂଚନା ଦେଇଛନ୍ତି। ଭିଡ଼ ନିୟନ୍ତ୍ରଣ ପାଇଁ ପୋଲିସ ପକ୍ଷରୁ ବ୍ୟାରିକେଡ୍ ବ୍ୟବସ୍ଥା ସହ ପୀଠର ଅନ୍ୟାନ୍ୟ ସ୍ଥାନରେ ବାଉଁଶ ଖୁଣ୍ଟ ପୋତା ଚାଲିଛି। ପୂର୍ବବର୍ଷ ପରି ପୀଠକୁ ଲାଗି ରହିଥିବା ତିନିତର, ଧାନଖଣିଆ, ମୂଆଁ-ମାନପୁର ଘାଟ ଶିବରାତ୍ରିର ସନ୍ଧ୍ୟା ସାଢ଼େ ୬ଟାରୁ ବନ୍ଦ ରହିବା ପାଇଁ ଜିଲା ପ୍ରଶାସନ ନିଷ୍ପତ୍ତି ନେଇଛି। ରାତିରେ ଅଘଟଣ ଆଶଙ୍କା କରି ଘାଟ ପାର ବନ୍ଦ ନିଷ୍ପତ୍ତି ହୋଇଥିବା ଜିଲା ପ୍ରଶାସନ ସୂତ୍ରରୁ ପ୍ରକାଶ। ପୂର୍ବଦିନ ଉପଜିଲାପାଳ ପୀଠରେ ଉପସ୍ଥିତ ରହି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ପୀଠରେ ଥିବା ନଦୀଘାଟରେ ପ୍ରଶାସନ ପକ୍ଷରୁ ଓଡ୍ରାଫ ଟିମ୍ ଏବଂ ଅଗ୍ନିଶମ ବାହିନୀ ପୂର୍ବଦିନଠାରୁ ପହଞ୍ଚିଛନ୍ତି। ୨୪ ଘଣ୍ଟା ଉଭୟ ଟିମ୍ ନଦୀଘାଟରେ ସଜାଗ ରହିବା, ପୀଠ ବାହାରେ ଆମ୍ବୁଲାନ୍ସ ରଖାଯିବା, ସ୍ୱାସ୍ଥ୍ୟକେନ୍ଦ୍ର ବ୍ୟତୀତ ଅନ୍ୟାନ୍ୟ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିରରେ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ଆଲର୍ଟ ରଖିବା, ୨୪ ଘଣ୍ଟା ବିଦ୍ୟୁତ୍ ସେବା ଯୋଗାଇଦେବା, ଜଳ ଯୋଗାଣ ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ବିଭିନ୍ନ ବିଭାଗ କର୍ମଚାରୀ ପୀଠ ମଣ୍ଡନ କରିସାରିଲେଣି। ପ୍ରତିବର୍ଷ ପରି ଚଳିତବର୍ଷ ପୀଠରେ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ସଫେଇ କାର୍ଯ୍ୟ ଆରମ୍ଭ କରିଛନ୍ତି। ମନ୍ଦିର ବେଢ଼ା ଓ ବାହାରେ ବ୍ୟାପକ ପୋଲିସ ମୁତୟନ କରାଯିବାର ନିଷ୍ପତ୍ତି ନିଆଯାଇଛି ବୋଲି ଆରଡ଼ି ଫାଣ୍ଡି ଅଧିକାରୀ ପ୍ରଦୀପ ନାୟକ ସୂଚନା ଦେଇଛନ୍ତି। ଏଥର ପୀଠରେ ଜଣେ ଅତିରିକ୍ତ ଏସ୍‌ପିଙ୍କ ସହ ୪ ଡିଏସ୍‌ପି, ୮ ଇନ୍ସପେକ୍ଟର, ୨୫ ସବଇନ୍ସପେକ୍ଟର, ୩୦ ଏଏସ୍‌ଆଇ, ୧୮ ପ୍ଲାଟୁନ ପୋଲିସ ଫୋର୍ସ, ୫୦ରୁ ଅଧିକ ମହିଳା ଫୋର୍ସ ପୀଠରେ କର୍ତ୍ତବ୍ୟ ସମ୍ପାଦନ କରିବେ। ସେମାନଙ୍କ ମଧ୍ୟରୁ ଅନେକ ଏବେ ପୀଠ ଓ ନିକଟରେ ଥିବା ବିଭିନ୍ନ ବିଦ୍ୟାଳୟରେ ରହିଛନ୍ତି। ଟ୍ରାଫିକ ନିୟନ୍ତ୍ରଣ ପାଇଁ ୧୦ ଜଣ ଟ୍ରାଫିକ ପୋଲିସ ଏଠାରେ ନିଯୁକ୍ତ ହେବା ସହ ଅନ୍ୟ ପୋଲିସ କର୍ମଚାରୀ ମଧ ସେମାନଙ୍କୁ ସାହାଯ୍ୟ ସକାଶେ ନିଯୁକ୍ତ ରହିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ଜିଲା ଆରକ୍ଷୀ ଅଧୀକ୍ଷକ ରାଜେଶ ପଣ୍ଡିତ ପୋଲିସ ଅଧିକାରୀ ଓ ଅନ୍ୟ କର୍ମଚାରୀମାନଙ୍କୁ ଦାୟିତ୍ୱ ବଣ୍ଟନ କରିଛନ୍ତି।

# ମନ୍ଥର ଗତିରେ ଆବାସ ନିର୍ମାଣ

**ବନ୍ତ,୨୦।୨(ଡି.ଏନ.ଏ.)**

- ୧୧୦ରୁ ୮୫ ଅସମ୍ପୂର୍ଣ୍ଣ, ସରିଛି ୨୫ ଗୃହ
- ୧୬ ହିତାଧିକାରୀଙ୍କୁ ମିଳିନି କାର୍ଯ୍ୟାଦେଶ

ଭଦ୍ରକ ଜିଲା ବନ୍ତ ବ୍ଲକ ନିଳୋକ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଥିବା ଅଭିଯୋଗ ହେଉଛି। ଫଳରେ ଟାର୍ଗେଟର ଅଧା ମଧ ସମ୍ପୂର୍ଣ୍ଣ ହୋଇ ନ ଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ୨୦୧୯-୨୦ ଆର୍ଥିକ ବର୍ଷରେ ଏହି ପଞ୍ଚାୟତର ୧୨୪ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଗାଇ ଦେବା ନେଇ ଟାର୍ଗେଟ ଆସିଥିଲା। ସେଥିମଧ୍ୟରୁ ୧୧୦ ଜଣଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିବାବେଳେ ଚଳିତ ମାସ ସୁଦ୍ଧା ୨୫ ହିତାଧିକାରୀ ଘର କାମ ଶେଷ କରି ୧ ଲକ୍ଷ ୨୦ ହଜାର ଟଙ୍କା ଲେଖାଏ ପାଇଛନ୍ତି। ଅବଶିଷ୍ଟ ୮୫ ଗୃହ କାର୍ଯ୍ୟ ଅସମ୍ପୂର୍ଣ୍ଣ ରହିଛି। ସେହିପରି ନିମ୍‌ଟାଲ ଲେଭଲ ପର୍ଯ୍ୟନ୍ତ କାମ କରି ଜଣେ ହିତାଧିକାରୀ ୫୦ ହଜାର ଟଙ୍କା ପାଇଥିବାବେଳେ ଅନ୍ୟ ୫ ଜଣ ୯୦ ହଜାର ଟଙ୍କା ଲେଖାଏ ପାଇଛନ୍ତି। ପ୍ଲିନ୍ଥ ପର୍ଯ୍ୟନ୍ତ କାମ କରି ୨୫ ଜଣ ୫୦ ହଜାର ଲେଖାଏ ଟଙ୍କା ପାଇଥିବାବେଳେ ୨ ଜଣଙ୍କୁ ୨୦ ହଜାର ଲେଖାଏ ପ୍ରଦାନ କରାଯାଇଛି। ସେହିପରି କାର୍ଯ୍ୟାଦେଶ ପ୍ରଦାନ ସମୟରେ ୫୦ ହିତାଧିକାରୀଙ୍କୁ ୨୦ ହଜାର ଲେଖାଏ ଟଙ୍କା ଦିଆଯାଇଛି। ଗତ ସେପ୍ଟେମ୍ବରରେ ଓଳମ ଗ୍ରାମର ରୋମାମଣି ଖିଲାର ଓ ଚଳିତ ମାସରେ ବେଗନା ଗ୍ରାମର ଗଜେନ୍ଦ୍ର ଜେନାଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲେ ମଧ ସେମାନଙ୍କୁ ଅଗ୍ରିମ ବାବଦ ୨୦ ହଜାର ଟଙ୍କା ପ୍ରଦାନ କରାଯାଇ ନ ଥିବା କୁହାଯାଇଛି। ଅନ୍ୟପକ୍ଷେ ୧୬ ହିତାଧିକାରୀଙ୍କୁ ଅନ୍‌ଲାଇନରେ ପଞ୍ଜୀକୃତ କରାଯାଇ ସେମାନଙ୍କଠାରୁ କାଗଜପତ୍ର ସଂଗ୍ରହ କରାଯାଇଥିଲେ ମଧ କାର୍ଯ୍ୟାଦେଶ ଦିଆଯାଇ ନ ଥିବା ଜଣାପଡ଼ିଛି। ଏ ସମ୍ପର୍କରେ ବିଡିଓ ରେବେକା ବିଲୁଙ୍ଗଙ୍କୁ ପଚାରିବାରୁ ତଦନ୍ତ ପରେ ପଦକ୍ଷେପ ନେବେ ବୋଲି ସେ କହିଛନ୍ତି।

## ଦୃଢ଼ ମନୋବଳ ରାସ୍ତା ଦେଖାଏ



ପୁରସ୍କାର ବିତରଣ ଉତ୍ସବ।

**ଭଣ୍ଡାରିପୋଖରୀ,୨୦।୨(ଡି.ଏନ.ଏ.)**

ଭଣ୍ଡାରିପୋଖରୀ ବ୍ଲକ ମଣିନାଥପୁର ନରେନ୍ଦ୍ର କୁମାର ପରିଡ଼ା ସଂଯୁକ୍ତ ଉଚ୍ଚ ବିଦ୍ୟାପୀଠର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ପ୍ରକୃତିବନ୍ଧୁ ପ୍ରଧାନଶିକ୍ଷକ ରବୀନ୍ଦ୍ର ମହାରଣାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସରସଦା ହାଇସ୍କୁଲ ପ୍ରଧାନଶିକ୍ଷକ ଗଦାଧର ଜେନା ଏକନିଷ୍ଠ ସାଧନା, ଦୃଢ଼ ମନୋବଳ, ଶୃଙ୍ଖଳିତ ବ୍ୟବହାର ଓ ସମୟାନୁବର୍ତ୍ତିତା ସଫଳତା ପାଇଁ ରାସ୍ତା ପ୍ରଶସ୍ତ କରିଥାଏ ବୋଲି କହିଥିଲେ। ମୁଖ୍ୟବକ୍ତା ଓଷ୍ଟା ଜିଲା ସମ୍ପାଦକ ପ୍ରଦୀପ୍ତ ଦାସ ଓ ଅନ୍ୟତମ ଅତିଥି ଭାବେ ବ୍ଲକ ସଂଯୋଜକ ସୁବଳ ଚରଣ ପତ୍ରୀ, ପ୍ରଧାନଶିକ୍ଷକ ଗିରୀଶ ବିହାରୀ ମିଶ୍ର, ପୂର୍ବତନ ପ୍ରଧାନଶିକ୍ଷକ ନାରାୟଣ ଚନ୍ଦ୍ର ଦାଶ, ପଣ୍ଡିତ ମୀନକେତନ ବେଉରିଆ, ରାଧାଶ୍ୟାମ ଦାଶ, ଅଧ୍ୟାପକ ଅନାଦି ଚରଣ ସାହୁ, ନାରାୟଣ ଚନ୍ଦ୍ର ଦାସ, ଶରତ ଚନ୍ଦ୍ର ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ମୋ ସ୍କୁଲ ଅଭିଯାନରେ ପ୍ରଦୀପ ବେଉରିଆ, ନରେନ୍ଦ୍ର ବେଉରିଆ, ଦୁର୍ଯ୍ୟୋଧନ ଦାସ, ରମେଶ ରାଉତ, ସୂର୍ଯ୍ୟକାନ୍ତ ବରାଳ, ବଳରାମ ସେଠୀ, ରଶ୍ମିରେଖା ରାଉତ ଓ ଉମାକାନ୍ତ ପଣ୍ଡା ସାମିଲ ହୋଇଥିବାରୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ନାଟକ 'ଦୀପଶିଖା' ପରିବେଷଣ ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ସ୍ୱର୍ଗତ ବୈଷ୍ଣବ ଚରଣ ବେହେରା, ସ୍ୱର୍ଗତ ନରେନ୍ଦ୍ର କୁମାର ମହାରଣା, ସ୍ୱର୍ଗତ ବାସୁଦେବ ଦାସ ଉଦ୍ଦେଶ୍ୟରେ ଟ୍ରଫି ପ୍ରଦାନ କରାଯାଇଥିଲା। ରମେଶ ଚନ୍ଦ୍ର ପଣ୍ଡା ଅତିଥି ପରିଚୟ ପ୍ରଦାନ, ସୂର୍ଯ୍ୟକାନ୍ତ ବରାଳ ବାର୍ଷିକ ବିବରଣୀ ପାଠ କରିଥିଲେ। ଚିନ୍ତାମଣି ନାୟକ ଧନ୍ୟବାଦ ଦେଇଥିଲେ। ଶିକ୍ଷକ ଶରତ ଚନ୍ଦ୍ର ଥାଟୋଇ, ରଶ୍ମିରେଖା ରାଉତ, ରୀତାଞ୍ଜଳି ମହାନ୍ତି, ଅରୁଣୀ ବେହେରା, ପ୍ରଭାତ ମଞ୍ଜରୀ ଜେନା, ବ୍ରଜକିଶୋର ଓଝା ଓ ରମେଶ ଚନ୍ଦ୍ର ରାଉତ ପ୍ରମୁଖ ପରିଚାଳନା କରିଥିଲେ।

# 'ନିଯୁକ୍ତି ଆଶାୟୀଙ୍କୁ ପ୍ରତାରଣା'

**ଭଦ୍ରକ ଅଫିସ, ୨୦।୨**


ଶୋଭାଯାତ୍ରାରେ ସାମିଲ ହୋଇଥିବା ଭାଜପା କର୍ମୀ।

ରାଜ୍ୟ ସରକାର ୨୦ ବର୍ଷ ଶାସନ କାଳରେ ରୋଜଗାର ଦେବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଅଭିଯୋଗ ହୋଇଛି। ନିଯୁକ୍ତି ଆଶାୟୀଙ୍କୁ ଫାଙ୍କୁଛନ୍ତି ରାଜ୍ୟ ସରକାର। ରାଜ୍ୟରେ ୯ ଲକ୍ଷ ୨୧ ହଜାର ଶିକ୍ଷିତ ବେକାର ଅଛନ୍ତି। ହେଲେ ଏହା ତୁଳନାରେ ନିଯୁକ୍ତି ଦେବାରେ ସରକାର ବିଫଳ ହୋଇଛନ୍ତି। ନିଯୁକ୍ତି ଆଶାୟୀଙ୍କୁ ପ୍ରତାରଣା କରାଯାଇଛି। ରାଜ୍ୟ ସରକାରଙ୍କ ଯୁବନୀତି ଏବଂ ଯୁବବାହିନୀ କାର୍ଯ୍ୟକ୍ରମ ବିଫଳ ହୋଇଛି। ନିଯୁକ୍ତି ମେଳାରେ ବିଭିନ୍ନ ସମୟରେ ଜାଲ୍ ନିଯୁକ୍ତିପତ୍ର ଦିଆଯାଉଛି। ନିଯୁକ୍ତି ମେଳାରେ ମିଳୁଥିବା ନିଯୁକ୍ତି କେବଳ ପ୍ରହସନ ବୋଲି ଜିଲା ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ଗୁରୁବାର ଅନୁଷ୍ଠିତ ପ୍ରତିବାଦ ସଭାରେ କୁହାଯାଇଛି।

ଯୁବମୋର୍ଚ୍ଚା ପକ୍ଷରୁ ଭାଜପାର ଜିଲା କାର୍ଯ୍ୟାଳୟଠାରୁ ବାଇକ୍ ରାଲି ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ସେଠାରେ ପ୍ରତିବାଦ ସଭା ଆୟୋଜନ କରାଯାଇଥିଲା। ଏହି ସଭାରେ ଶିକ୍ଷିତ ଯୁବତୀଯୁବକଙ୍କୁ ନିଯୁକ୍ତି ନ ମିଳିବା, ସରକାରଙ୍କ ବିଭିନ୍ନ ବିଭାଗରେ ଖାଲିପଡ଼ିଥିବା ପଦବୀ ପୂରଣ ନ ହେବା, ନିଯୁକ୍ତି ମେଳା ନାଁରେ ଚାନ୍ଦା ଆଦାୟ ଭଳି ଘଟଣା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି କହି କଡ଼ା ସମାଲୋଚନା କରିଥିଲେ ଭାଜପା ନେତା। ରାଜ୍ୟ ସଂଯୋଜକ ପ୍ରବୀର ଶଙ୍କର ଦାସ, ଜିଲା ସଭାପତି ସୁରେଶ ସାମଲ, ଜିଲା ସାଧାରଣ ସମ୍ପାଦକ ବିକାଶ ଶ୍ରେଷ୍ଠା, ଦେବରକୁଣ୍ଡ ମଣ୍ଡଳ ସଭାପତି ପ୍ରଭାକର ସାମଲ, ଧୂଷୁରୀ ମଣ୍ଡଳ ସଭାପତି ଅନ୍ତର୍ଯାମୀ ପତି, ଜିଲା କୋଷାଧ୍ୟକ୍ଷ ଚନ୍ଦ୍ରମୋହନ ମହାପାତ୍ର, ସରୋଜ ରାଉତ, ଦେବାନଶୁ ରାଉତ, ସୁଧୀର ଦ୍ୱିବେଦୀ, ଶକ୍ତିଦତ୍ତ ଦାସ, ସୁବ୍ରତ ରଞ୍ଜନ ନାୟକ, ସର ଅଲି, ଶଶାଙ୍କ ଦାସ, ରଜନୀ ଦାସ, ବିକାଶ ପାଢ଼ୀ, ଚନ୍ଦନ ନାୟକ, ପ୍ରମୋଦ ସାମଲ ପ୍ରମୁଖ ପ୍ରତିବାଦ ସଭାରେ ଉପସ୍ଥିତ ଥିଲେ।

## ଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

**ଭଣ୍ଡାରିପୋଖରୀ, ୨୦।୨(ଡି.ଏନ.ଏ.)**

ଭଣ୍ଡାରିପୋଖରୀ ବ୍ଲକ ବାରିକପୁର ନିକଟ ସରଦପୁରସ୍ଥିତ ନୟନମଣି ସ୍ନାତକ ମହିଳା ମହାବିଦ୍ୟାଳୟର ତୃତୀୟ ବର୍ଷ ଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଅଧକ୍ଷ ସୁନୀଲ ମନୋହର ମଧୁସୂଦନ ପଣ୍ଡାଙ୍କ ଅଧକ୍ଷତାରେ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ସାମାଜିକ କର୍ମୀ ସୁରେନ୍ଦ୍ର ପାଲ, ମୁଖ୍ୟବକ୍ତା ଶିକ୍ଷାବିତ୍ ପୁରୁଷୋତ୍ତମ ଧଳ ଏବଂ ଅନ୍ୟତମ ଅତିଥି ଭାବେ ସରପଞ୍ଚ ଜଗବନ୍ଧୁ ଦାସ, ନାଟ୍ୟକାର ଅରୁଣ ବାରିକ, ପ୍ରତିଷ୍ଠାତା ମଦନ ମୋହନ ପଣ୍ଡା, ଅଧାପକ ଅମିୟ ଦାଶ, ଲକ୍ଷ୍ମୀଧର ଦାଶ, କଳ୍ପନା ସ୍ୱାଇଁ, ସସ୍ମିତା ପ୍ରିୟଦର୍ଶିନୀ ଦାଶ, ପ୍ରୀତିସ୍ମିତା ପଣ୍ଡା, ଜୟଶ୍ରୀ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରୀ ମିନତି ଜେନା, ମନ୍ଦାକିନୀ ପ୍ରଧାନ, ସତ୍ୟଭାମା ବେହେରା, ଅନ୍ନପୂର୍ଣ୍ଣା ରଣା ଓ କଳ୍ପନା ଦାସ ବିଦାୟୀ ଛାତ୍ରୀଙ୍କ ସମ୍ପର୍କରେ କହିଥିଲେ। ଛାତ୍ରୀ ଶୁଭଲକ୍ଷ୍ମୀ ରାଉତ, ରାଜଶ୍ରୀ ରାଉତ, ସୁଜାତା ବେହେରା, ଅର୍ପିତା ପଣ୍ଡା, ରାଧାରାଣୀ ଶଙ୍ଖୁଆ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଅଧାପକ ନୀଳମଣି ବେହେରା ସଭା ସଞ୍ଚାଳନା କରିଥିଲେ।

## ମୋ ସରକାର ପ୍ରକୋଷ୍ଠ ଉଦ୍‌ଘାଟିତ

**ଧାମନଗର,୨୦।୨(ଡି.ଏନ.ଏ.)-** ଧାମନଗର ବ୍ଲକ କାର୍ଯ୍ୟାଳୟରେ ଗୁରୁବାର ରାଜ୍ୟ ସରକାରଙ୍କ ମୋ ସରକାର ଯୋଜନାରେ ଏକ ପ୍ରକୋଷ୍ଠ ଉଦ୍‌ଘାଟିତ ହୋଇଯାଇଛି। ବ୍ଲକ ଅଧକ୍ଷ ଅଶୋକ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଜିଲା ଅତିରିକ୍ତ ପ୍ରକଳ୍ପ ଅଧିକାରୀ ରାଜେନ୍ଦ୍ର ପଣ୍ଡା, ବିଡିଓ ଦୁର୍ଗାଚରଣ ମୁର୍ମୁଙ୍କ ସମେତ ବ୍ଲକର ବିଭିନ୍ନ ଅଧିକାରୀ ଉପସ୍ଥିତ ଥିଲେ। ମୋ ସରକାରରେ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ଉକ୍ତ କାର୍ଯ୍ୟାଳୟ ଖୋଲିଥିବା ଅଧିକାରୀମାନେ ସୂଚନା ଦେଇଥିଲେ।

## ରାଷ୍ଟ୍ର ନିର୍ମାଣରେ ଛାତ୍ରୀଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଧାମନଗର,୨୦।୨(ଡି.ଏନ.ଏ.)**

ଧାମନଗର ବ୍ଲକ କୋଠାର ମା' ସାରଦା ଦେବୀ ଯୁକ୍ତ ୩ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ସେମିନାର ହଲ୍‌ରେ 'ରାଷ୍ଟ୍ର ନିର୍ମାଣ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ସତ୍ୟବ୍ରତ ଭାରତୀ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ନାରାୟଣ ଚନ୍ଦ୍ର ପାଢ଼ୀ, ସମ୍ମାନିତ ଅତିଥି ଭାବେ ଧାମନଗର କଲେଜର ପୂର୍ବତନ ଅଧକ୍ଷ ପ୍ରମୋଦ ଦାସ, କୋଠାର ଯୁକ୍ତ ୨ କଲେଜର ପୂର୍ବତନ ଅଧକ୍ଷ ନାରାୟଣ ଚନ୍ଦ୍ର ମିଶ୍ର ଓ ଯୁକ୍ତ ୨ ଅଧକ୍ଷ ବିଶ୍ୱମ୍ଭର ଦାସ ପ୍ରମୁଖ ଯୋଗ ଦେଇଥିଲେ। ବିଭାଗୀୟ ମୁଖ୍ୟ ଅଧାପକ ହିମାଂଶୁ ଶେଖର ଦାସଙ୍କ ତତ୍ତ୍ୱାବଧାନରେ ମୁଖ୍ୟ ଗବେଷକ ଭାବେ ଧାମନଗର କଲେଜ ଅଧାପକ ପ୍ରଶାନ୍ତ ନାୟକ ଯୋଗଦେଇ କହିଥିଲେ, ରାଷ୍ଟ୍ର ନିର୍ମାଣରେ ଏକତା ଅପରିହାର୍ଯ୍ୟ। ସକାରାତ୍ମକ ଭାବନା ଦ୍ୱାରା ଛାତ୍ରୀଛାତ୍ରଙ୍କ ଚରିତ୍ର ଗଠନ ହେଲେ ଉତ୍ତମ ରାଷ୍ଟ୍ର ନିର୍ମାଣ ହୋଇପାରିବ। ଏ କ୍ଷେତ୍ରରେ ଛାତ୍ରୀଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ। ସହକାରୀ ଗବେଷିକା ଭାବେ କୋଠାର ଯୁକ୍ତ ୨ କଲେଜ ଅଧାପିକା ପୁଷ୍ପାଞ୍ଜଳି ରାଉତ ଯୋଗ ଦେଇଥିଲେ। ଅଧାପକ ଏବଂ କର୍ମଚାରୀ ରଶ୍ମିକାନ୍ତ ନନ୍ଦ, ପଙ୍କଜ ମହାପାତ୍ର, ସୁରେନ୍ଦ୍ର ବେହେରା, ସୁଜିତ ବୋଇତି, ହେମନ୍ତ ପାଣିଗ୍ରାହୀ, ନୃସିଂହ ନନ୍ଦି, ସଞ୍ଜୟ ବୋଇତି, ଅକ୍ଷୟ ଜେନା, ସୁଦର୍ଶନ ନନ୍ଦି, ଜଗନ୍ନାଥ ନାଥ, ସାସ୍ୱତୀ ପାଢ଼ୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପାଣି ପଞ୍ଚାୟତ ନିର୍ବାଚନ

**ବନ୍ତ,୨୦।୨(ଡି.ଏନ.ଏ.)**

ବନ୍ତ ଜଳସେଚନ ବିଭାଗ ଅଧୀନ ୩୯ ପାଣି ପଞ୍ଚାୟତରେ ନିର୍ବାଚନ ପ୍ରକ୍ରିୟା ଚାଲିଛି। ମଙ୍ଗଳବାରଠାରୁ ଏହି ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ଆସନ୍ତା ମାର୍ଚ୍ଚ ୨୨ରେ ଶେଷ ହେବ। ଚକ କମିଟି ସଭ୍ୟ, କାର୍ଯ୍ୟନିର୍ବାହୀ କମିଟି ସଭ୍ୟ, ପାଣି ପଞ୍ଚାୟତ ସଭାପତି, ସମ୍ପାଦକ ଓ କୋଷାଧ୍ୟକ୍ଷ ପଦ ନିମନ୍ତେ ଏହି ନିର୍ବାଚନ ହେଉଛି। ନିର୍ବାଚନ ପରେ କେନାଲ ଓ କାଡ଼ା ନାଳଗୁଡ଼ିକର ପୁନରୁଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ ହେବା ଦ୍ୱାରା ଚାଷୀମାନେ ଉପକୃତ ହେବେ ବୋଲି କୁହାଯାଉଛି।

## ସାଳନ୍ଦୀ ବଞ୍ଚାଅ ଅଭିଯାନରେ ଜନମତ ସୃଷ୍ଟିକୁ ଗୁରୁତ୍ୱ

**ଭଦ୍ରକ ଅଫିସ, ୨୦।୨**

ଭଦ୍ରକ ବାଇପାସ୍‌ସ୍ଥିତ ସାଳନ୍ଦୀ ଡାକବଙ୍ଗଳାଠାରେ ସାଳନ୍ଦୀ ବିକାଶ ମଞ୍ଚର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ପ୍ରତାପ କୁମାର ପାଢ଼ୀଙ୍କ ଆବାହକତ୍ୱରେ ସାଳନ୍ଦୀ ବିକାଶ ମଞ୍ଚର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ସାଳନ୍ଦୀ ନଦୀକୁ ପ୍ରଦୂଷଣମୁକ୍ତ, ଜବରଦଖଲମୁକ୍ତ ଓ ଅଳିଆ ଆବର୍ଜନା ରହିତ କରିବା ସହ ସାଳନ୍ଦୀକୁ ଚଳଚଞ୍ଚଳ ଓ ଜୀବନ୍ତ କରିବା ପାଇଁ ମତ ରଖିଥିଲେ। ସାଳନ୍ଦୀ ନଦୀ ଭଦ୍ରକବାସୀଙ୍କ ଜୀବନରେଖା ବୋଲି ଉପସ୍ଥିତ ସାମାଜିକ କର୍ମୀ ଓ ବୁଦ୍ଧିଜୀବୀମାନେ କହିଥିଲେ। ଆଗାମୀ ଦିନରେ ସାଳନ୍ଦୀ ବଞ୍ଚାଅ ଅଭିଯାନକୁ ବ୍ୟାପକ କରିବା ପାଇଁ କେନ୍ଦୁଝରରୁ ଆରମ୍ଭ କରି ଚାନ୍ଦବାଲି ବ୍ଲକର ତିନିତର ଘାଟ ପର୍ଯ୍ୟନ୍ତ ସମସ୍ତ ପଞ୍ଚାୟତରେ ଜନମତ ସୃଷ୍ଟି କରିବା ଏବଂ ଏହି ଅଭିଯାନରେ ଜନସାଧାରଣଙ୍କୁ ସାମିଲ କରିବା ଲାଗି କର୍ମକର୍ତ୍ତାମାନେ ଗୁରୁତ୍ୱ ଦେଇଥିଲେ। ସଭାରେ ଅବସରପ୍ରାପ୍ତ ଅଧାପକ ବଳରାମ ମିଶ୍ର, ଡା. ଦୁର୍ଯ୍ୟୋଧନ ଦାସ, ଅଧାପକ କମଳାକାନ୍ତ ସ୍ୱାଇଁ, ସାମାଜିକ କର୍ମୀ ଅମ୍ବିକା ପ୍ରସନ୍ନ ଦାସ, ଉର୍ମିଳା ଚୌଧୁରୀ, ଦୁର୍ଗା ବିଶ୍ୱାଳ, କାଳିପଦ ରାୟ, ବିପ୍ଳବ ହୋତା, ପ୍ରମୋଦ ରାୟ ପ୍ରମୁଖ ଯୋଗ ଦେଇଥିଲେ। ଆସନ୍ତା ମାର୍ଚ୍ଚରେ ସାଳନ୍ଦୀ ବିକାଶ ମଞ୍ଚରେ ଏକ ଜିଲାସ୍ତରୀୟ ସମ୍ମିଳନୀ ହେବ ବୋଲି ଆବାହକ ପାଢ଼ୀ ସୂଚନା ଦେଇଛନ୍ତି।


ଖବରଦାତା ସମ୍ମିଳନୀରେ ସାଳନ୍ଦୀ ବିକାଶ ମଞ୍ଚର କର୍ମକର୍ତ୍ତା।

# ଯୋଗ୍ୟ ହିତାଧିକାରୀ ଚୟନ ନ ହେଲେ ଅନଶନ

**ତିହିଡ଼ି,୨୦।୨(ଡି.ଏନ.ଏ.)**


ଖବରଦାତା ସମ୍ମିଳନରେ ଉପସ୍ଥିତ ଭାଜପା ନେତୃବୃନ୍ଦ।

ତିହିଡ଼ି ବ୍ଲକର ବିଭିନ୍ନ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଅନିୟମିତତା ହୋଇଥିବା ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି। ଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦିଆଯାଇ ବହୁ ଅଯୋଗ୍ୟଙ୍କୁ ଏହି ଯୋଜନାରେ ସାମିଲ କରାଯାଇଛି। ଏହାର ତଦନ୍ତ କରାଯାଇ ଯୋଗ୍ୟ ହିତାଧିକାରୀଙ୍କୁ ଯୋଜନାରେ ସାମିଲ କରା ନ ଗଲେ ବ୍ଲକ କାର୍ଯ୍ୟାଳୟ ସାମ୍ନାରେ ଆମରଣ ଅନଶନ କରାଯିବ ବୋଲି ଭାଜପା ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଚେତାବନୀ ଦିଆଯାଇଛି।

ସ୍ଥାନୀୟ ଟାଉନ ହଲରେ ଗୁରୁବାର ଅପରାହ୍ନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଜିଲା ଉପସଭାପତି ଦୁର୍ଗାଚରଣ ନାୟକ କହିଥିଲେ ଯେ, ଏହି ଯୋଜନାରେ ପୂର୍ବରୁ ଜିଓଟ୍ୟାଗ୍ କରାଯାଇ ହିତାଧିକାରୀ ଚୟନ କରାଯାଇଥିଲା। ତାଲିକାରେ ମୋଟ ୧୭,୭୩୪ ହିତାଧିକାରୀଙ୍କ ନାମ ଥିଲା। ପରବର୍ତ୍ତୀ ସମୟରେ ୧୦ ହଜାର ହିତାଧିକାରୀଙ୍କ ନାମ କଟାଯାଇ ୭୮୩୯ଜଣଙ୍କୁ ଚୟନ କରାଯାଇଛି। ରାଜନୈତିକ ଚକ୍ରାନ୍ତରେ ଏହି ହିତାଧିକାରୀମାନଙ୍କୁ ବାଦ୍ ଦିଆଯାଇଥିବାବେଳେ ଗରିବ ଓ ଚାଳଘର ଥିବା ଲୋକ ବଳି ପଡ଼ିଛନ୍ତି। ଅପରପକ୍ଷେ ପୂର୍ବରୁ ଘର ପାଇଥିବା ଲୋକ ଏବଂ ବହୁ ହିତାଧିକାରୀଙ୍କ ପରିବାରର ୩ରୁ ୪ ଜଣଙ୍କୁ ପୁଣି ତାଲିକାଭୁକ୍ତ କରାଯାଇଛି। ଏହି ଅନିୟମିତତା ସମ୍ପର୍କରେ ଖୁବ୍‌ଶୀଘ୍ର ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସେ କହିଥିଲେ। ପୂର୍ବତନ ବ୍ଲକ ଅଧକ୍ଷ ଶୁକଦେବ ମଲିକ, ମଣ୍ଡଳ ସଭାପତି ପ୍ରଦୀପ ବଳ, ରାଜାରାମ ମହାକୁଡ଼, ତପନ ପାଢ଼ୀ ଓ ପ୍ରମୋଦ ଦାସଙ୍କ ସମେତ ରାଜ୍ୟ ଓବିସି ମୋର୍ଚ୍ଚା ଉପସଭାପତି ରଘୁନାଥ ପାତ୍ର, ପୂର୍ବତନ ମଣ୍ଡଳ ସଭାପତି ଶଶିକାନ୍ତ ବିଶ୍ୱାଳ, ଅଜୟ ମହାପାତ୍ର, ରାଜକିଶୋର ନାୟକ, ଶଶିକାନ୍ତ ସାହୁ, ଅନାଦି ଚରଣ ବାରିକ, ରମାକାନ୍ତ ପରିଡ଼ା ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

